## ବ୍ୟାଙ୍କ ସମ୍ମୁଖରୁ ବାଇକ୍ ଚୋରି

ବ୍ରଜରାଜନଗର,(ଡି.ଏନ.ଏ.): ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଗାନ୍ଧୀ ବଜାରରେ ଥିବା ୟୁକୋ ବ୍ୟାଙ୍କ ସମ୍ମୁଖରୁ ଏକ ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ କୈଳାସ ଭୋଇ ତାଙ୍କର ଓଆର୍ ୨୩ବି-୨୮୦୮ ମୋଟରସାଇକେଲ ରଖି ବ୍ୟାଙ୍କ ଭିତରକୁ ଯାଇଥିଲେ। ସେଠାରୁ ଫେରିବା ପରେ ବାଇକ୍ ନ ଥିବା ଦେଖି ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରିଛି।

# ଯୁଯୁମୁରା ମାର୍କେଟ ୟାର୍ଡରେ ଉତ୍ତେଜନା

**ସମ୍ବଲପୁର,୨୨ା୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ଖରିଫ ଧାନ ସଂଗ୍ରହରେ ଆରମ୍ଭରୁ ଅବ୍ୟବସ୍ଥା ଦେଖାଦେଇଛି। ଯୋଗାଣ ବିଭାଗ ଅବହେଳା ଯୋଗୁ ଚାଷୀମାନେ ବିଭିନ୍ନ ଧାନ କ୍ରୟକେନ୍ଦ୍ରରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁଚିଣ୍ଡା ଉପଖଣ୍ଡରେ ଲକ୍ଷାଧିକ ଧାନ ବସ୍ତା ଖୋଲା ଆକାଶ ତଳେ ପଡିରହିଥିବା ବେଳେ ସଦର ଉପଖଣ୍ଡର ଅନେକ କ୍ରୟ କେନ୍ଦ୍ରରେ ସମସ୍ୟା ଦେଖାଦେଇଛି। ମଙ୍ଗଳବାର ଯୋଗାଣ ବିଭାଗ ଚାଷୀଙ୍କ ଅଭିଯୋଗକୁ ଖାମଖିଆଲି ଭାବେ ନେବା ଯୋଗୁ ଯୁଯୁମୁରା ମାର୍କେଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଯୁଯୁମୁରା ସମବାୟ ସମିତିର ୧୭ଶହ କୁଇଣ୍ଟାଲ ଧାନ ସଂଗ୍ରହ କରିବା ଟାର୍ଗେଟ ରହିଥିବାବେଳେ ତା'ଠାରୁ ଅଧିକ ଧାନ ବିକ୍ରି ପାଇଁ ଆସିଥିଲା। ସମବାୟ ସମିତିରେ କାର୍ଯ୍ୟରତ କର୍ମଚାରୀ ଏ ନେଇ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଇଥିଲେ। ଜିଲା ଯୋଗାଣ ବିଭାଗ ପାଖରେ ମଧ ଖବର ପହଞ୍ଚିଥିଲା। ପ୍ରାୟ ୧୨ଟା ସୁଦ୍ଧା କୌଣସି ସମାଧାନ ହୋଇ ନ ଥିଲା। ଶେଷରେ ଚାଷୀମାନେ ସିଧାସଳଖ ଜିଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଯୋଗାଣ ବିଭାଗ ପକ୍ଷରୁ ଯାହା ଟାର୍ଗେଟ୍ ଅଛି ତାହା କିଣାଯିବ, ବାକି ଧାନ ଫେରାଇନିଅ ବୋଲି କହିଥିଲେ। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରିଥିଲେ। ମାର୍କେଟକୁ ଆସିଥିବା ସମସ୍ତ ଧାନ କିଣାଯାଉ, ନ ହେଲେ ସମସ୍ତ ଚାଷୀ ଫେରାଇନେବେ ବୋଲି କହିଥିଲେ। ପରେ ଘଟଣାର ସମାଧାନ ପାଇଁ ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ ମାର୍କେଟ ୟାର୍ଡରେ ପହଞ୍ଚିଥିଲେ। ଚାଷୀଙ୍କ ସହ ଆଲୋଚନା କରିବା ପରେ ତହସିଲଦାର ମିଞ୍ଜ ଯୋଗାଣ ବିଭାଗକୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଯୋଗାଣ ବିଭାଗ ପକ୍ଷରୁ ସମବାୟ ସମିତିକୁ ଧାନ କିଣିବା ପାଇଁ ଟାର୍ଗେଟ୍ ବୃଦ୍ଧି କରାଯିବା ପରେ ଧାନ ଉଠିଥିଲା। ସୂଚନାଯୋଗ୍ୟ, ଯୁଯୁମୁରା ମାର୍କେଟକୁ ମଙ୍ଗଳବାର ୪୬ ଜଣ ଚାଷୀଙ୍କ ୬,୪୭୯ ବସ୍ତା (ପ୍ରାୟ ୩ ହଜାର କୁଇଣ୍ଟାଲ) ଧାନ ବିକ୍ରି ପାଇଁ ଆସିଥିଲା। ହେଲେ ସମବାୟ ସମିତି ପାଖରେ ୧୭ ଶହ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ଥିଲା। ବାକି ୧୩ ଶହ କୁଇଣ୍ଟାଲ ଧାନ କିଭଳି ବିକ୍ରି କରିବେ ସେ ନେଇ ଚାଷୀମାନେ ଚିନ୍ତାରେ ପଡିଥିଲେ। ପରେ ୫ଟି ମିଲ୍‌କୁ ସମସ୍ତ ଧାନ ଯାଇଥିଲା।



ସମ୍ବଲପୁର ଯୁଯୁମୁରା ମାର୍କେଟକୁ ଆସିଥିବା ଧାନ ଓ ଚାଷୀମାନେ।

**ଚାଷୀଙ୍କ ଧାନବିକ୍ରି ସମସ୍ୟା**
- ତହସିଲଦାରଙ୍କ ହସ୍ତକ୍ଷେପରେ ସମାଧାନ
- ଟାର୍ଗେଟ୍ ବଢ଼ିବା ପରେ ଧାନ ଉଠିଲା

# ବସ୍ ଦୁର୍ଘଟଣାଗ୍ରସ୍ତ, ୧୨ ଯାତ୍ରୀ ଆହତ

**କୁଆଁରମୁଣ୍ଡା, ୨୨ା୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ହରିହରପୁର ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ରାଉରକେଲାରୁ ରାଞ୍ଚି ଯାଉଥିବା ଏକ ବସ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଫଳରେ ବସ୍‌ରେ ଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମଧ୍ୟରୁ ୧୨ଜଣ ଆହତ ହୋଇଛନ୍ତି। ଖବର ପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ନିକଟସ୍ଥ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ((ଜେଏଚ୍-୦୧ବିୟୁ-୭୫୪୪)ର ଚାଳକ, କଣ୍ଡକ୍ଟର ଓ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

ଅପରାହ୍ନରେ ଏହି ଫାଣ୍ଡି ଅନ୍ତର୍ଗତ ଯମୁନାନାକି ସାଇଟ୍ କଲେଜ୍ ନିକଟରେ ଏକ ଡମ୍ପର ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାରଟି ଭାଙ୍ଗିରୁଜି ଯାଇଛି। ଉଭୟ ଗାଡିକୁ ପୋଲିସ ଜବତ କରିଛି।



ରାସ୍ତାରେ ଓଲଟି ପଡ଼ିଥିବା ବସ୍।

## ସଂକ୍ଷେପରେ

### ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ଜିଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର,୨୨ା୧୨(ବ୍ୟୁରୋ):** ବିଦ୍ୟୁତ୍ ଘରୋଇକରଣକୁ ବିରୋଧ କରି ମଙ୍ଗଳବାର ପଶ୍ଚିମ ଓଡିଶା ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ସମ୍ବଲପୁର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ଦାବିପତ୍ର ପ୍ରଦାନ କରିଛି। ମଞ୍ଚ ପକ୍ଷରୁ କୁହାଯାଇଛି, ପଶ୍ଚିମ ଓଡିଶାର ସମସ୍ତ ଜିଲାରେ ଉପଭୋକ୍ତାଙ୍କୁ ନେଇ ଜନଶୁଣାଣି କରିବା ଆବଶ୍ୟକ। ୱେସ୍କୋ ଘରୋଇକରଣ ହେଲେ ଜନସାଧାରଣ ଓ ବିଦ୍ୟୁତ୍ ଉପଭୋକ୍ତା ଅନେକ କ୍ଷତି ସହିବେ। ସାଧାରଣ ଟିକସଦାତାଙ୍କ ଅର୍ଥ ବରବାଦ୍ ହେବ। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ହେଲେ ଚାଷୀ ଓ ଗରିବ ଲୋକମାନେ ହଇରାଣ ହେବେ। ବିଦ୍ୟୁତ୍ ଘରୋଇକରଣ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ପ୍ରତିନିଧି ଦଳରେ ଗୋକୁଳ ମେହେର, ଏନ୍. ଗୋପାଳ, ମହେଶ୍ୱର ଷଣ୍ଢ, ରୁଦ୍ରାଣୀ ନାଥ ସାମିଲ ଥିଲେ।

### କାର୍ଯ୍ୟରତ ହୋମଗାର୍ଡଙ୍କ ପରଲୋକ

**ସମ୍ବଲପୁର, ୨୨ା୧୨ (ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନରେ କାର୍ଯ୍ୟରତ ହୋମଗାର୍ଡ କାନ୍ଦୁରୁ ବିଞ୍ଝାଲ (୩୬)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଗାଁ ଶ୍ମଶାନରେ ଶେଷକୃତ ସମ୍ପନ୍ନ ହୋଇଛି। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଇତି, ୫ ଓ ୭ବର୍ଷର ଦୁଇପୁଅ ଅସହାୟ ହୋଇପଡିଛନ୍ତି। ସୂଚନାଯୋଗ୍ୟ, କାନ୍ଦୁରୁ ଯୁଯୁମୁରା ଥାନାରେ ପ୍ରାୟ ୮ବର୍ଷରୁ ଅଧିକ ହେବ ହୋମଗାର୍ଡ ଭାବେ କାର୍ଯ୍ୟରତ ଥିଲେ। ଥାନା ପକ୍ଷରୁ ତାଙ୍କୁ ଯାହା ଡ୍ୟୁଟି ଦିଆଯାଉଥିଲା ଠିକ୍ ଭାବେ ପାଳନ କରୁଥିଲେ। ତାଙ୍କ ପରିବାରକୁ କିଭଳି ସହାୟତା ଯୋଗାଇ ଦିଆଯିବ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି।

### ରାସ୍ତା ମରାମତି କାମ ନିମ୍ନମାନର: ଜିଲାପାଳଙ୍କ ଦ୍ୱାରସ୍ଥ ହେଲା ଭାଜପା

**ସମ୍ବଲପୁର, ୨୨ା୧୨(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ରେମେଡ- ବଡବଜାର ରାସ୍ତା ମରଣଯନ୍ତା ପାଲଟିଥିଲା। ଅଞ୍ଚଳବାସୀ ଏ ନେଇ ବାରମ୍ବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏବେ ଏହି ରାସ୍ତା ମରାମତି କାମ ଚାଲିଛି। ରାସ୍ତା ଓ ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ମରାମତି କାମ ନିମ୍ନମାନର ଅଭିଯୋଗ କରି ଭାଜପା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛି। ଏ ନେଇ ଅଞ୍ଚଳବାସୀ ଅଭିଯୋଗ କଲେ ଠିକାଦାର ଧମକଚମକ ଦେଉଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରତିନିଧି ଦଳରେ ଭାଜପା ସମଲେଶ୍ୱରୀ ମଣ୍ଡଳର ସଭାପତି ଶମ୍ଭୁ ବରେଲିଆ, ସାଧାରଣ ସମ୍ପାଦକ ସଞ୍ଜୟ ଷଡଙ୍ଗୀ, ଏଲ୍. ଯୋଗୀ ସାମିଲ ଥିଲେ।

### ସହର ଉପକଣ୍ଠରେ ହାତୀପଲ

**ସମ୍ବଲପୁର,୨୨ା୧୨(ବ୍ୟୁରୋ):** ଗତ କିଛିଦିନ ହେଲା ସମ୍ବଲପୁର ସହର ଉପକଣ୍ଠରେ ହାତୀପଲ ଆତଯାତ ହେଉଥିବା ଦେଖାଯାଉଛି। ଏହାକୁ ନେଇ ମାନେଶ୍ୱର, ଗୁଲୁଣ୍ଡିପାଲି, ହାଲିପାଲି, ବ୍ରାହ୍ମଣିପାଲି, କୁଡେରନିଶା, କୀର୍ତ୍ତିପୁର, ଝାଙ୍କରପାଲି ପ୍ରଭୃତି ଗ୍ରାମର ଲୋକେ ଭୟଭୀତ ରହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନିକଟରେ ଥିବା କୁଡେରନିଶା ଜଙ୍ଗଲରେ ଦିନ ସମୟରେ ହାତୀପଲ ରହୁଛନ୍ତି। ସନ୍ଧ୍ୟା ହେଲେ ସେମାନେ ଗାଁମୁହାଁ ହେଉଛନ୍ତି। ଫସଲ ନଷ୍ଟ କରି ଘରଦ୍ୱାର ଭାଙ୍ଗି ଦେଉଛନ୍ତି। ବାବୁପାଲି ଗ୍ରାମରେ ସୋମବାର ହାତୀ ପଲ ଘର ଭାଙ୍ଗି ଦେଇଛି। ବନ ବିଭାଗ ଓ ଗ୍ରାମବାସୀ ଘଉଡାଇବାକୁ ଚେଷ୍ଟା କଲେ ମଧ ସେମାନେ ଯାଉନାହାନ୍ତି। ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି,ଏବେ ହାତୀପଲ କୁଡେରନିଶା ଜଙ୍ଗଲରେ ଅଛନ୍ତି। ଏହି ଦଳରେ ପ୍ରାୟ ୧୨ ହାତୀ ଅଛନ୍ତି। ସେମାନେ ଯେଭଳି ଗ୍ରାମକୁ ନ ଆସିବେ ସେ ନେଇ ଉଦ୍ୟମ କରାଯାଉଛି।

### ପୁରୀ-ଦୁର୍ଗ ଟ୍ରେନ ସମୟସାରଣୀରେ ପରିବର୍ତ୍ତନ

**ସମ୍ବଲପୁର, ୨୨ା୧୨ (ବ୍ୟୁରୋ):** ପୁରୀ-ଦୁର୍ଗ ୦୮୪୨୫ ଟ୍ରେନର ସମୟ ସାରଣୀ ମଙ୍ଗଳବାରଠାରୁ ପରିବର୍ତ୍ତନ ହୋଇଛି। ପୁରୀଠାରୁ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୭ଟା ୧୦ ମିନିଟ ପରିବର୍ତ୍ତେ ରାତ୍ରି ୧୧ଟାରେ ଛାଡିବ। ସଂଯୋଗକାରୀ ଟ୍ରେନ ଚଳାଚଳ ବିଳମ୍ବ ଯୋଗୁ ସମୟରେ ପରିବର୍ତ୍ତନ କରାଯାଇଥିବା ସମ୍ବଲପୁର ରେଳ ମଣ୍ଡଳ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ



ବୈଠକରେ ଉପସ୍ଥିତ କମିଶନ ଅଧ୍ୟକ୍ଷ ଏବଂ ଅନନ୍ୟ ପ୍ରଶାସନିକ ଅଧିକାରୀ।

**ରାଉରକେଲା, ୨୨ା୧୨:** ଓଡିଶା ମାନବାଧିକାର କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ବି. କେ. ପଟେଲ ମଙ୍ଗଳବାର ରାଉରକେଲାକୁ ଦିନିକିଆ ଗସ୍ତ କରିଥିଲେ। ସେ ରାଉରକେଲା ଠାରେ ପହଞ୍ଚିବା ପରେ ଜଷ୍ଟିସ୍ ପଟେଲଙ୍କୁ ସୁନ୍ଦରଗଡ ଜିଲାପାଳଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ ।

ଜଷ୍ଟିସ୍ ପଟେଲ ମାନବାଧିକାର କମିଶନ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବା ପରେ ରାଉରକେଲାକୁ ପ୍ରଥମ ସରକାରୀ ଗସ୍ତ କରିଛନ୍ତି। ସେଠାରେ ପହଞ୍ଚିବା ପରେ ସ୍ଥାନୀୟ ଆଇଟିଡିଏ କକ୍ଷରେ ଆୟୋଜିତ ଏକ ବୈଠକରେ ସେ ଯୋଗଦାନ କରିଥିଲେ। ବୈଠକରେ ଜଷ୍ଟିସ୍ ପଟେଲ ସାମାଜିକ ସଙ୍ଗଠନର ପ୍ରତିନିଧିମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ କରି ସାମାଜିକ ସମସ୍ୟାଗୁଡିକ ସମ୍ପର୍କରେ ସାମାଜିକ ସଙ୍ଗଠନର ପ୍ରତିନିଧିମାନେ କମିଶନ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ । ଅନ୍ୟାନ୍ୟ ସମସ୍ୟା ଗୁଡିକ ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ଦ୍ୱିତୀୟ ସେତୁର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା, ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ପ୍ରଯତ୍ନ ହେବା, ସଡକ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ସ୍ୱାସ୍ଥ୍ୟ ସେବାକୁ ଅଧିକ ମାତ୍ରାରେ ଲୋକାଭିମୁଖୀ କରିବା, ବସ୍ତି ବାସିନ୍ଦାମାନଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱାରୋପ, ଯାନବାହନ ପାଇଁ ପାର୍କିଂ ସୁବିଧା ଉପଲବ୍ଧ, କୋର୍ଟ ପରିସରରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଶିଶୁ ଶ୍ରମିକ ଜନିତ ସମସ୍ୟା ଉପରେ ବିଶେଷ ଯତ୍ନବାନ ହେବା, ମହିଳାମାନଙ୍କ କ୍ଷେତ୍ରରେ ଦେଖା ଦେଉଥିବା ସମସ୍ୟା ଆଦି ସମ୍ପର୍କରେ ଅଧ୍ୟକ୍ଷ ପଟେଲଙ୍କୁ ଅବଗତ କରାଯାଇଥିଲା। ବୈଠକ ପରେ କମିଶନ ଅଧ୍ୟକ୍ଷ ଜିଲା ପ୍ରଶାସନ ସହିତ ସମସ୍ୟା ଉପରେ ବିଶଦ ଆଲୋଚନା କରିବା ସହ ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପ୍ରଶାସନ ତରଫରୁ ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ, ପଶ୍ଚିମାଞ୍ଚଳ ଡିଆଇଜି ସୁଶ୍ରୀ କବିତା ଜଲାନ, ରାଉରକେଲା ଆରକ୍ଷୀ ଅଧୀକ୍ଷକ କେ. ଶିବା ସୁବ୍ରମଣି, ରାଉରକେଲା ଅତିରିକ୍ତ ଜିଲାପାଳ ଅବୋଲୀ ସୁନୀଲ ନରୱଣେ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରକର ଓ ଏଡିୟୁପିଏଚ୍‌ଓ ଡ. ପି. ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମସ୍ୟାଗୁଡିକର ତ୍ୱରିତ ସମାଧାନ ଦିଗରେ ଜିଲା ପ୍ରଶାସନ ସର୍ବଦା ଉଦ୍ୟମ କରିଆସୁଛି । ତେଣୁ ଏହି ସମସ୍ୟା ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସୁନ୍ଦରଗଡ ଜିଲାପାଳ କଲ୍ୟାଣ ସୂଚନା ଦେଇଛନ୍ତି ।

# ଏନ୍‌ସିସି କ୍ୟାଡେଟ୍ ବାର୍ବିଙ୍କୁ ଗଭର୍ନର ଟ୍ରଫି

**ସମ୍ବଲପୁର, ୨୨ା୧୨ (ବ୍ୟୁରୋ):** ସମ୍ବଲପୁର ସେଣ୍ଟଜୋନ୍ ସ୍କୁଲ ନବମ ଶ୍ରେଣୀ ଛାତ୍ରୀ ତଥା ଏନ୍‌ସିସି କ୍ୟାଡେଟ୍ ବାର୍ବି ପ୍ରିୟଦର୍ଶିନୀ ଗଭର୍ନର ଟ୍ରଫି ହାସଲ କରିଛନ୍ତି। ମଙ୍ଗଳବାର ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମସ୍ଥିତ ଏନ୍‌ସିସି ଅଫିସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଶ୍ଚିମ ଓଡିଶା ବାଟାଲିୟନ୍‌ର କର୍ଣ୍ଣେଲ ସୁକବୀର ସିଂ ଯୋଗଦେଇ ବାର୍ବିଙ୍କୁ ଅର୍ଥରାଶି ସହ ସାର୍ଟିଫିକେଟ ପ୍ରଦାନ କରିଥିଲେ। କମାଣ୍ଡିଂ ଅଫିସର ସି.ସି. ନାଗ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାର୍ବି ଏନ୍‌ସିସି କାର୍ଯ୍ୟ ସହ ପାଠ ପଢ଼ାରେ ସ୍କୁଲରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ଜୁନିୟର ଏନ୍‌ସିସି ବର୍ଗରେ ଗଭର୍ଣ୍ଣର ଟ୍ରଫି ଦେବା ଲାଗି ଚୟନ କରାଯାଇଥିଲା।

# ଟ୍ରେଲର ପାଇଁ ହତ୍ୟାକାଣ୍ଡ

**ଯୁବକଙ୍କ ହାତଗୋଡ଼ ବନ୍ଧା ମୃତଦେହ ଉଦ୍ଧାର ଘଟଣା**
- ମୃତକଙ୍କ ପରିଚୟ ମିଳିଲା
- ଜଣେ ଗିରଫ

**ଲଖନପୁର,୨୨ା୧୨(ଡି.ଏନ୍.ଏ):** ଝାରସୁଗୁଡା ଜିଲା ଲଖନପୁର ଥାନା ଅଧୀନ ବେଲପାହାଡରୁ ସୁନ୍ଦରଗଡ ଗ୍ରୀଣ୍ଡୋଲା-କାଉଧର ରାସ୍ତାରୁ ଜବତ ହୋଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ମୃତକ ହେଲେ ବିହାରର ମୋନୁ ସାହା(୨୨) ଏବଂ ସେ ଜଣେ ଟ୍ରେଲର ମାଲିକ। ଏହି ଘଟଣାରେ ଜଣଙ୍କୁ ଗିରଫ କରି ଝାରସୁଗୁଡା କୋର୍ଟକୁ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବିହାର ମୁଜାଫ୍ଫର ଜିଲାର ମହମ୍ମଦ ଇର୍ସାଦ(୧୯)। ତେବେ ଟ୍ରେଲର ପାଇଁ ମୋନୁଙ୍କୁ ହତ୍ୟା କରାଯାଇଛି ଏବଂ ଏହି ଘଟଣାର ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି ।

ଏସ୍‌ପି ରାହୁଲ ପିଆର୍ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଇର୍ସାଦ ବେଲପାହାଡ ଖଡିଆପଡାରେ ରହି ବଏକଟପାଲିରେ ଏକ ଟାୟାର ଦୋକାନରେ କାମ କରୁଥିଲେ । ଏହି ସମୟରେ ଇର୍ସାଦ ବହୁ ବିହାରୀ ଟ୍ରକ୍ ଚାଳକଙ୍କ ସମ୍ପର୍କରେ ଆସି ଟ୍ରେଲର ଚୋରି ପାଇଁ ଯୋଜନା କରିଥିଲେ। ପରେ ମୋନୁଙ୍କ ମୋବାଇଲ୍ ନମ୍ବର ସଂଗ୍ରହ କରି ଗତ ୧୬ତାରିଖରେ ତାଙ୍କୁ ଡାକିଥିଲେ। ମୋନୁ ନିଜ ଟ୍ରେଲର ଚଳାଇ ଉକ୍ତ ଟାୟାର ଦୋକାନରେ ପହଞ୍ଚିଥିଲେ। ସେଠାରୁ ସମସ୍ତେ ମିଶି ଟ୍ରେଲରରେ କିଛି ଦୂର ଯାଇଥିଲେ । ଏହାପରେ ଅଭିଯୁକ୍ତମାନେ ପରିଶ୍ରା କରିବା ବାହାନାରେ ଟ୍ରେଲର ଅଟକାଇ ଟ୍ରେଲରର ଏକ ଲୁହା ଯନ୍ତ୍ରାଂଶରେ ମୋନୁର ମୁଣ୍ଡରେ ଶକ୍ତ ପ୍ରହାର କରିଥିଲେ। ମୋନୁ ଅଚେତ ହୋଇଯିବା ପରେ ସେମାନେ ତାଙ୍କ ଗୋଡହାତ ଓ ମୁହଁ ବାନ୍ଧି ଟ୍ରେଲରରେ ନେଇ ସୁନ୍ଦରଗଡ-ହିମଗିର ରାସ୍ତାରେ ପକାଇ ଦେଇଥିଲେ ଏବଂ ତାଙ୍କ ମୁଣ୍ଡ ଉପରେ ଗାଡି ଚଢାଇ ଦେଇଥିଲେ । ପରେ ଇର୍ସାଦ ଓ ଅନ୍ୟମାନେ ବେଲପାହାଡ ବଞ୍ଜାରୀ ରାସ୍ତାରେ ଯାଇ ଏକ ଜଙ୍ଗଲରେ ଟ୍ରେଲରକୁ ଲୁଚାଇ ଦେଇଥିଲେ। ଏତିକିବେଳେ ଟ୍ରେଲରଟି ଜଙ୍ଗଲ ଭିତରେ ଫଶିଯିବାରୁ ଅଭିଯୁକ୍ତମାନେ ଟ୍ରେଲର ଛାଡି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୩୬/୨୦) ରୁଜୁ କରି ତଦନ୍ତ ଚଳାଇଥିଲା ।



ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମହମ୍ମଦ ଇର୍ସାଦଙ୍କୁ ପୋଲିସ ଗିରଫ କରିଛି।

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri Bari, Bhubaneswar-751030

EOI.1697 Dated : 22.12.2020

Sealed tender are invited from reputed manpower service providers to provide service of different types of manpower with effect from 01/01/2021. The detailed information for outsourcing the services of post has been given in the EOI which may be downloaded from www.utkalikaodisha.in. The last date and time of submission of the EOI is 30/12/2020 at 2 PM.

Sd/- Managing Director

**OFFICE OF THE DISTRICT PROJECT COORDINATOR**
SAMAGRA SHIKSHYA, SUBARNAPUR
E-mail: dpcsonepurssa.opepa@nic.in, Ph. No. 06654-220514

No. 1925 Date: 22.12.2020

**"TENDER CALL NOTICE FOR SOIL INVESTIGATION"**

Sealed tenders are invited in prescribed format for "Soil Investigation for construction of Six Nos. upgraded KGBV Hostel building in Subarnpur district (at existing KGBV hostel campus)" from the registered firms having PAN, GST and IT Clearance Certificate. The tender paper will be submitted to District Project Coordinator, SS, Subarnapur latest by 04.01.2021 upto 5 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in.

By order of Collector and Chairperson, SS, Subarnapur
Sd./- District Project Coordinator
SS, Subarnapur

**GOVERNMENT OF ODISHA**
**OFFICE OF THE PURI MUNICIPALITY, PURI**
Email-purim.hud@nic.in
NATIONAL COMPETITIVE BIDDING THROUGH e-Procurement
Identification No.P.M.04/2020-21
Notice No.8606 Dated 21.12.20

1. Type of work: Civil work. 2. Total No. of works: 07 Nos. of Individual Works. 3. Estimate cost: Rs.410666/- & 4888439/-. 4. Period of completion: 30 days to 60 days. 5. Date & time of availability of bid document in the portal: From 03 P.M. of 23.12.2020 to 05 P.M. of 06.01.2021. 6. Last date/time for receipt of bid in the portal: Upto 05 P.M. of 06.01.2021. 7. Date of opening of bid: 11 A.M. of dtd. 07.01.2021. 8. Name & address of the officer inviting bid: Executive Officer, Puri Municipality, Puri. Further detail can be seen from the e-procurement portal www.tendersorissa.gov.in

Sd./- Executive Officer, Puri Municipality, Puri

**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector cum Chairman, R.M.C., Nabarangpur invites tender from the approved suppliers for supply of Grading Equipments for the KMS 2020-21 vide Tender Call Notice No.399 dated 22.12.2020 along with specification and terms & conditions may be seen and downloaded from the District Web Portal http://www.nabarangpur.nic.in.

The date for availability of tender from 23.12.2020 at 10.00 A.M. to 07.01.2021 upto 5.30 P.M. and the last date for receipt of bid documents through Regd. Post/Speed Post on or before 16.01.2021 upto 5.30 P.M. and also the same will be opened on 18.01.2021 at 11.00 A.M. in the Office of the Regulated Market Committee, Nabarangpur in presence of quotationers or their authorised representatives.

Sd./-Secretary, RMC, Nabarangpur

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**

ପତ୍ର ସଂଖ୍ୟା 20327/ଭୁ.ଉ.କ., ଭୁବନେଶ୍ୱର ତା27.11.20ରିଖ
EB V-255/78

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବରଗଡ଼ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ.EB-745କୁ ଶ୍ରୀ ହୃଦାନନ୍ଦ ଘଡାଇ, ପିତା-ଗଣେଶ୍ୱର ଚୌଧୁରୀ, ଗ୍ରାମ/ପୋ.ଅ.- ମାଣତିରା, ଥାନା-ସୁକିନ୍ଦା, ଜିଲ୍ଲା-ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ହୃଦାନନ୍ଦ ଘଡାଇ ତା୦୩।୦୩।୨୦୧୮ରିଖରେ ମୃତ୍ୟୁବରଣ କରିଛନ୍ତି। ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ପରେ ଉକ୍ତ ଘରର ମାଲିକାନା ଉତ୍ତରାଧିକାରୀ ସୂତ୍ରରେ (୧) ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ (ସ୍ତ୍ରୀ), (୨) ଶ୍ରୀ ଅଶୋକ କୁମାର ଘଡାଇ (ପୁତ୍ର), (୩) ଶ୍ରୀ ଆଲୋକ କୁମାର ଘଡାଇ (ପୁତ୍ର) ଓ ମୀନାରାଣୀ ଘଡାଇ @ ଦାସ (ବିବାହିତା କନ୍ୟା)ଙ୍କ ନାମରେ ତା-୨୮।୦୮।୨୦୧୯ରିଖରେ ପରିବର୍ତ୍ତନ କରାଯାଇଥିଲା। ଇତି ମଧ୍ୟରେ ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସ ସେମାନଙ୍କର ଉକ୍ତ ଗୃହରେ ଥିବା ନିଜ ନିଜର ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ତା୨୮।୦୧।୨୦୨୦ରିଖରେ ଏକ ନାଦାବି ପତ୍ର (Registered Deed of Relinquishment) ସମ୍ପାଦିତ କରିଅଛନ୍ତି। ବର୍ତ୍ତମାନ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇ ଉକ୍ତ ନାଦାବି ପତ୍ର ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ତାଙ୍କ ନାମରେ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଘରର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହ ନଂ. EB-745ରେ ଥିବା ସ୍ୱତ୍ୱ/ମାଲିକାନା ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସଙ୍କଠାରୁ ଉଚ୍ଛେଦ କରାଯାଇ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**OFFICE OF THE NOTIFIED AREA COUNCIL, BUGUDA, GANJAM**
Mail ID- bugudanac@rediffmail.com Ph.06818-251135
Letter No.1628/ Date:22.12.20

**QUOTATION CALL NOTICE**

Sealed quotations are invited from Govt. authorized firms/dealers for selling of Waste Materials of MRF centre of Buguda NAC. The rate should be quoted against the item excluding taxes. The quotationers are essentially required to enclose their GST Registration Certificate, PAN card, Firm Registration Certificate etc. The quotationer shall be required to produce the original copy of the required document before the undersigned at the time of opening of tender.

The quotationer should submit EMD 1% of quoted rate in shape of B.D./D.D./T.D.A. pledged in favour of Executive Officer, Buguda NAC as mentioned detailed below. The quotation paper will be available at the office of the udnersigned from date 23.12.20, 10 A.M. to 07.01.21 in the office hour except holidays and the quotation received on or before dt.05.01.21 at 03.00 P.M. on Tender Box/Speed Post/Registered Post and the same will be opened on dt.06.01.21 at 03.00 P.M. in presence of respective quotationers or their authorized representatives.

The authority reserves the right to accept or reject any or all the quotations without assigning any reason thereof.

| Sl.No. | ITEM | Paper Cost |
|---|---|---|
| 01 | Selling of waste materials of MRF Center of Buguda NAC. | Rs.1000 |

Sd./- Executive Officer
N.A.C., Buguda, Ganjam

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Orissa
No.3952/OSACS Date:21.12.2020

**ADVERTISEMENT**

**AGAINST THE RECRUITMENT OF ART PLUS CENTRE, ART CENTRE, FI-ART CENTRE AND LINK ART PLUS CENTRE STAFFS**

Reference to detail of advertisements mentioned below:-

| Sl. No. | Main Advertisement No. | Published on | Corrigundum No. | Published on |
|---|---|---|---|---|
| 1. | IX-OSAS-ART-08/2019-20-34/OSACS dated 02.01.2020 | 03.01.2020 | IX-OSAS-ART -08/2019-20-953/OSACS dated 07.03.2020 | 08.03.2020 |
| 2. | IX-OSACS-ART-08/2019-20-(P):671/OSACS dated 24.02.2020 | 27.02.2020 | IX-OSACS-ART -08/2019-20-(P):963/OSACS dated 07.03.2020 | 08.03.2020 |
| 3. | IX-OSACS-ART-07/2020-21-2614/OSACS dated 08.10.2020 | 12.10.2020 | Nil | Nil |

Now it is mentioned that though the advertisement made for different posts, out of that the posting of posts like; Lab. Technician, Pharmacist and Staff Nurse which were kept in abeyance is hereby cancelled. Rest of the posts will be filled-up by adhering the Recruitment Guidelines provided by National AIDS Control Organization, Ministry of Health & Family Welfare, Govt. of India.

It is to inform that all applicants those who are already applied during due course of time period mentioned against in the above advertisements are hereby informed need not to apply again.

Sd./- Project Director

2nd Floor, Oil Odisha Building, Nayapalli, Bhubaneswar,
Ph: (0674) 2395415/2393235 Fax: 2394560, National HIV/AIDS Help Line: 1097 (Toll Free),
E-mail: sacorissa@sify.com; orissasacs@gmail.com; sacs_orissa@nacoindia.org

## କରୋନା ଯୋଦ୍ଧା ସମ୍ମାନିତ

ଖଡିଆଲ,(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲ ବ୍ଲକ କାଣିପଲା ଗ୍ରାମର ବରିଷ୍ଠ କବି ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲବଣେଶ୍ୱର ବାରିକଙ୍କୁ କୋଷଲ୍ୟା ସାହିତ୍ୟ ଓ ସଂସ୍କୃତି ପରିଷଦ କଟକ ଓ ଉତ୍କଳମଣୀ ସେବା ସଙ୍ଗଠନ ଯାଜପୁର ପକ୍ଷରୁ ରାଜ୍ୟସ୍ତରୀୟ ସମାରୋହ ଓ ବୋଉର ଲୋକାର୍ପଣ ଉତ୍ସବ-୨୦୨୦ରେ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଖବର ଜାଣିବା ପରେ ଖଡିଆଲ ଅଞ୍ଚଳରେ ତାଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି । ସୂଚନା ଯେ, କରୋନା ସାରା ବିଶ୍ୱକୁ କାବୁ କରି ରଖିଥିବା ବେଳେ ଲୋକଙ୍କ ମନରେ ଡର ଲାଗି ରହୁଥିଲା। ସେହି ସମୟରେ ବାରିକ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନତା କରୁଥିଲେ।

## ସଂକ୍ଷେପରେ

### ରୋଗୀଙ୍କୁ ମିଳୁନି, ପୋଡ଼ାଯାଉଛି ନାପକିନ୍

ବରପାଲି, ୨୨।୧୨ (ଡି.ଏନ.ଏ): ରୋଗୀଙ୍କୁ ବିତରଣ ସକାଶେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆସୁଥିବା ମାଗଣା ମେଡିସିନ ବ୍ୟବହୃତ ନ ହୋଇ ତାକୁ ନଷ୍ଟ କରି ଦିଆଯାଉଥିବା ବେଳେ ଏବେ ବରପାଲି ଡାକ୍ତରଖାନାରେ ପୁଣି ନାପକିନ୍ ପୋଡି ଦିଆଯାଇଛି । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ଶନିବାର ଡାକ୍ତରଖାନା ପରିସରରେ ନାପକିନ୍ ଗୁଡିକୁ ପୋଡି ଦିଆଯାଉଥିବା ପରିଲକ୍ଷିତ ହୋଇଥିଲା। ସ୍ଥାନୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ବ୍ୟବହାର କରାଯିବା ବଦଳରେ ନଷ୍ଟ କରାଯାଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ଡାକ୍ତରଖାନା ମୁଖ୍ୟ ଚିକିତ୍ସାଧିକାରୀ ରାଜେଶ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଏ ବିଷୟରେ ମୁଁ କିଛି ଜାଣିନାହିଁ କି ନାପକିନ୍ ପୋଡିବା ପାଇଁ ଅର୍ଡର କରିନାହିଁ। ହେଲେ ନାପକିନ୍ ପୋଡିବା ଘଟଣା ମୋ ନଜରକୁ ଆସିଛି। ଏହାର ତଦନ୍ତ କରି ପଦକ୍ଷେପ ନେବା ସହ ଜିଲା ଅଧିକାରୀଙ୍କୁ ଜଣାଇବି ବୋଲି ବେହେରା କହିଥିଲେ।

### ଅତାବିରା କୃଷକ ସଙ୍ଗଠନ ବୈଠକ

ଜାମଟିକ୍ରା,୨୨।୧୨ (ଡି.ଏନ.ଏ): ଅତାବିରା ବ୍ଲକ ଅଧୀନ ଲାଦରପାଲି ରାମଚଣ୍ଡୀ ମନ୍ଦିର ପରିସରରେ ମଙ୍ଗଳବାର ରାଜ୍ୟ କୃଷକ ସଙ୍ଗଠନର ଅତାବିରା ବ୍ଲକ ସଭାପତି କୌସ୍ତୁଭ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୨୫ ତାରିଖ ସୁଦ୍ଧା କେନାଲରେ ପାଣି ଛଡାଯିବା ପାଇଁ ଅତାବିରା ତହସିଲଦାରଙ୍କ ମାଧମରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାସହିତ ଜାନୁୟାରୀ ୩ରେ ସଙ୍ଗଠନର ଏକ ସାଧାରଣ ସଭା କରି ନୂତନ କର୍ମକର୍ତ୍ତା ଚୟନ କରାଯିବାର ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଚାଷୀ ସଙ୍ଗଠନ ଉପସଭାପତି ସୁରେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର କର, ସୀତାରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମାଣ୍ଡିଆ ଚାଷ, ପୁଷ୍ଟି ଶସ୍ୟ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ମୁରିବାହାଲ, ୨୨।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଭୁକ୍ତ ସାମାଜିକ ସଂଗଠନ ଆଶା ପକ୍ଷରୁ ଦୁଇଦିନିଆ ମାଣ୍ଡିଆ ଚାଷ ଓ ପୁଷ୍ଟି ଶସ୍ୟ ଖାଦ୍ୟ ପ୍ରସ୍ତୁତି ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବ୍ଲକ କୃଷି ଅଧିକାରୀ ରଘୁନାଥ ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜଳବାୟୁ ପରିବର୍ତ୍ତନରେ କୃଷକମାନେ ନିଜ ଜମିମାଟିର ଚାହିଦା ଅନୁସାରେ ଚାଷ କରିବା, ମଣ୍ଡିଆ ଚାଷର ଉପାଦେୟତା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥିଭାବେ ଏଏଓ ଅମ୍ରିତ ଲୁଗୁନ ଯୋଗଦେଇଥିଲେ। ମୁଖ୍ୟ ତାଲିମଦାତା ଭାବେ ପ୍ରଶିକ୍ଷଣ ଦେଇଥିଲେ ସବନମ ଆଫ୍ରିନ ଓ ଯଶୋବନ୍ତ ନାୟକ। ଉଦ୍‌ଯାପନୀରେ ଜିଲା ମୁଖ୍ୟ କୃଷି ଅଧିକାରୀ ଅଶୋକ କୁମାର ମହାନ୍ତି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା ଯୋଗଦେଇଥିଲେ। ଏଥିରେ କୃଷକ ଶଙ୍କରଦାଶ ନାଗ, ଯଦୁମଣି ଭୋଇ ମଣ୍ଡିଆ ଚାଷର ଉପଲବ୍ଧି ବିଷୟରେ ଶିବିରରେ କହିଥିଲେ। ଆଶା ସମ୍ପାଦକ ଭାସ୍କର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ କୋଅର୍ଡିନେଟର ଉପେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଇ-ସେବା କେନ୍ଦ୍ର ଉଦ୍‌ଘାଟିତ

ଭବାନୀପାଟଣା,୨୨।୧୨ (ଡି.ଏନ.ଏ.): ମଙ୍ଗଳବାର ଅପରାହ୍ନରେ ଜିଲା ଓ ଦୌରା ଜଜ୍ କୋର୍ଟ ପରିସରରେ ଇ-ସେବା କେନ୍ଦ୍ରକୁ ଜିଲା ଓ ଦୌରା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏଥିରେ ମକଦ୍ଦମାର ସ୍ଥିତି, ପରବର୍ତ୍ତୀ ଶୁଣାଣି ତାରିଖ, ଅନଲାଇନ୍ ସାର୍ଟିଫାଏଡ୍ କପି, ଜେଲରେ ବିଚାରାଧୀନ ବନ୍ଦୀଙ୍କ ଇ-ମୁଲାକାତ ସାକ୍ଷାତ ବ୍ୟବସ୍ଥା, ଶୁଣାଣି ତଥ୍ୟ ଓ ରାୟ ଆଦେଶ ଗୁଡ଼ିକ ଇମେଲ ଓ ହ୍ୱାଟ୍ସଆପ ଜରିଆରେ ପ୍ରଦାନ ସୁବିଧା ଆଦି ସେବା ମିଳିବ। ଏହି କେନ୍ଦ୍ର ଦ୍ୱାରା ଜନସାଧାରଣ ଓ ମହକିଲମାନେ ସହଜରେ ସମସ୍ତ ସୂଚନା ପାଇପାରିବେ। କାର୍ଯ୍ୟକ୍ରମେ ଜିଲା ଏବଂ ଦୌରା ଜଜ୍ ପଟ୍ଟନାୟକ, ଅତିରିକ୍ତ ଜିଲା ଜଜ୍ ସୁବ୍ରତ କୁମାର ପଟ୍ଟନାୟକ, ମୁଖ୍ୟବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଡଃ କିରଣ କୁମାର ପଧାନ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶିତିକଣ୍ଠ ପ୍ରଧାନ, ସିନିୟର ସିଭିଲ ଜଜ୍ ଚିନ୍ମୟୀ ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରଦ୍ଧାଞ୍ଜଳୀ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ନୂଆ କୃଷି ଆଇନକୁ ନେଇ କାଦୁଅ ଫିଙ୍ଗା

ବରଗଡ଼ ଅଫିସ୍,୨୨।୧୨



ଭାଜପାର କୃଷକ ସମାବେଶରେ ଦଳୀୟ ନେତୃବୃନ୍ଦ ।

- ଚାଷୀଙ୍କ ପାଇଁ ହିତ କହିଲେ ଭାଜପା ନେତା
- ସମାବେଶକୁ ବିରୋଧୀ କଲେ ସମାଲୋଚନା
- ଚାଷୀ ସଙ୍ଗଠନ କହିଲା ଭାଷଣ ହାସ୍ୟାସ୍ପଦ

କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ନେଇ ସାରାଦେଶରେ ଚାଷୀ ଅସନ୍ତୋଷ ଦେଖାଯାଇଛି । ଏହାର ପ୍ରତ୍ୟାହାର ଦାବିରେ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ କେନ୍ଦ୍ର ସରକାରକୁ ବିଭିନ୍ନ ରାଜନୈତିକ ଦଳ ଟାର୍ଗେଟ୍ କରୁଥିବାବେଳେ ଭାଜପା ନୂଆ କୃଷି ଆଇନ ଉପରେ ସଚେତନତା ସୃଷ୍ଟି ପାଇଁ ସମାବେଶ କରୁଥିବା ପରିଲକ୍ଷିତ ହୋଇଛି । ଏହି କ୍ରମରେ ମଙ୍ଗଳବାର ବରଗଡ଼ରେ ଭାଜପାର ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ରାଜ୍ୟରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟା ଅବ୍ୟବସ୍ଥିତ ଏବଂ ନୂଆ କୃଷି ଆଇନ ଏଥିରେ ସୁଧାର ଆଣିବ । ଏହାଦ୍ୱାରା ଦଲାଲି (ମଧ୍ୟସ୍ଥି) ବ୍ୟବସ୍ଥା ହଟିଯିବ ଏବଂ ଚାଷୀର ଆର୍ଥିକ ଅବସ୍ଥା ସୁଦୃଢ଼ ହୋଇ ପାରିବ ବୋଲି ପୂଜାରୀ କହିଥିଲେ। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ମଧ୍ୟ ରାଜ୍ୟରେ ଚାଲିଥିବା ଧାନ କିଣାବିକା ପ୍ରକ୍ରିୟାକୁ ସମାଲୋଚନା କରିଥିଲେ। ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଦଳର ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

ଅନ୍ୟପକ୍ଷେ ଭାଜପାର ଏଭଳି ସମାବେଶକୁ ବିରୋଧୀ ଦଳଗୁଡିକ ସମାଲୋଚନା କରିଛନ୍ତି । କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ଯଦି ଚାଷୀଙ୍କ ହିତ ପାଇଁ, ତେବେ ସାରାଦେଶରେ ଏହା ବିରୋଧରେ କାହିଁକି ଚାଷୀ ଆନ୍ଦୋଳନ ଜାରି ରହିଛି । ଭାଜପା ନେତୃବୃନ୍ଦ ତାର ଜବାବ ଦିଅନ୍ତୁ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି । ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ କହିଛନ୍ତି, ଭାଜପା ଚାଷୀଙ୍କ ନାମ ନେଇ ନୌକା ପାରି ହେବାକୁ ଚେଷ୍ଟା ଚଳାଇଛି । ବରଗଡ଼ରେ ଚାଷୀଙ୍କ ନାମ ନେଇ ଭାଜପା ଯେଉଁ ସମାବେଶ କରିଥିଲା ତାହା ଦଳୀୟ ଥିଲା ବୋଲି ମହାନନ୍ଦ କହିଛନ୍ତି । ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ କହିଛନ୍ତି, କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନକୁ ପ୍ରତ୍ୟାହାର ପାଇଁ ୨୭ଦିନ ହେଲା ଦିଲ୍ଲୀରେ ଶୀତ, କାକର ସହି ଚାଷୀମାନେ ଆନ୍ଦୋଳନ ଚଳାଇଛନ୍ତି। ଏହାସତ୍ତ୍ୱେ କେନ୍ଦ୍ରର ମୋଦି ସରକାର ନୀରବ ରହିଛି ଏବଂ ନୂଆ କୃଷି ଆଇନ ନେଇ ସମାବେଶ କରିବା ଚାଷୀଙ୍କ ପାଇଁ କଟା ଘା'ରେ ଚୂନ ଦେବା ଭଳି ହୋଇଛି ବୋଲି ମହାପାତ୍ର କହିଛନ୍ତି। ଜୟ କିଶାନ ଆନ୍ଦୋଳନର ଆବାହକ ରମେଶ ମହାପାତ୍ର କହିଛନ୍ତି, ବରଗଡ଼ ସମାବେଶରେ ଯେଉଁ ଭାଜପା ନେତୃବୃନ୍ଦ ଭାଷଣ ଦେଲେ ତାହା ହାସ୍ୟାସ୍ପଦ । ସେମାନଙ୍କୁ ନୂଆ କୃଷି ଆଇନ ଉପରେ କିଛି ଜଣାନାହିଁ । ଅନ୍ତତଃ ପକ୍ଷେ ସେମାନେ ନୂଆ କୃଷି ଆଇନକୁ ଭଲ ଭାବେ ଅଧ୍ୟୟନ କରନ୍ତୁ ବୋଲି ମହାପାତ୍ର କହିଛନ୍ତି ।

# ହତ୍ୟାକାଣ୍ଡର ପର୍ଦ୍ଦାଫାଶ, ୪ ଗିରଫ

ବରଗଡ଼ ଅଫିସ,୨୨।୧୨



ବରଗଡ଼ ଟାଉନ ଥାନା ଅନ୍ତର୍ଗତ ତୋରା ସୂତା ମିଲ୍ ଛକସ୍ଥିତ ଏକ ପଡ଼ାର ଭଡ଼ାଘରେ ରହୁଥିବା ଜଣେ ବିବାହିତା ମହିଳା ଜ୍ୟୋତ୍ସ୍ନା ମରେଇ(୨୯)ଙ୍କ ହତ୍ୟା ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ସଦର ଥାନା ଦୁହେଲ ଗ୍ରାମର କନିଷ୍ଠ ରଣା, ବୁଡ଼ା ରଣା, ଭେଡ଼େନ ଥାନା ସିଆଲଖଣ୍ଡହଥା ଗ୍ରାମର ଜଗନ୍ନାଥ ବାଗ ଏବଂ ବରଗଡ଼ ନିଗମାନନ୍ଦ ବିହାରର ଜଗନ୍ନାଥ ବନଛୋର। ଗିରଫ ଅଭିଯୁକ୍ତଙ୍କ ପାଖରୁ ୪ଟି ମୋବାଇଲ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଜବତ ହୋଇଛି। ସେମାନଙ୍କୁ ମଙ୍ଗଳବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବରଗଡ଼ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି ।

ପୋଲିସ ସୂଚନା ଅନୁଯାୟୀ, ବଲାଙ୍ଗୀର ସଦର ଥାନା ଅଧୀନ ଦୁହେଲ ଗ୍ରାମର ବଳିଷ୍ଠ ରଣା ଜ୍ୟୋତ୍ସ୍ନାଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଗ୍ରହଣ କରିଥିଲେ ଏବଂ ତାଙ୍କ ସହିତ ତୋରା ସୂତା ମିଲ୍ ପାଖ ସାହିରେ ରହୁଥିଲେ। ଅନ୍ୟପଟେ ପ୍ରଥମ ସ୍ତ୍ରୀ ବୁଡ଼ା ନିଜ ପିଲାଛୁଆ ସହିତ ଦୁହେଲ ଗ୍ରାମର ନିଜ ଘରେ ରହୁଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କୁ ଗ୍ରହଣ କରିବା ପରେ ବଳିଷ୍ଠ ପ୍ରଥମ ସ୍ତ୍ରୀ ଏବଂ ପିଲାଛୁଆଙ୍କୁ ଅଣଦେଖା କରିଥିଲେ। ଫଳରେ ଦ୍ୱିତୀୟ ସ୍ତ୍ରୀଙ୍କୁ ସବୁଦିନ ପାଇଁ ହଟାଇ ଦେବାକୁ ପ୍ରଥମ ସ୍ତ୍ରୀ ଯୋଜନା କରିଥିଲେ। ଯୋଜନା ମୁତାବକ ବଳିଷ୍ଠଙ୍କ ପ୍ରଥମ ସ୍ତ୍ରୀ ବୁଡ଼ା, ଭାଇ କନିଷ୍ଠ ଏବଂ ଅନ୍ୟ ଦୁଇ ଅଭିଯୁକ୍ତ ଜଗନ୍ନାଥ ବାଗ ଓ ଜଗନ୍ନାଥ ବନଛୋର ଗତ ୧୧ତାରିଖରେ ତୋରା ସୂତା ମିଲ୍ ସାହିରେ ରହୁଥିବା ବଳିଷ୍ଠଙ୍କ ଭଡ଼ାଘରକୁ ଯାଇଥିଲେ। ବଳିଷ୍ଠଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେମାନେ ଜ୍ୟୋତ୍ସ୍ନାଙ୍କୁ ହତ୍ୟା କରି ଖସି ଯାଇଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିବା ସହିତ ତନାଘନା ଚଳାଇଥିଲା। ହତ୍ୟାକାଣ୍ଡର ୧୦ଦିନ ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ପ୍ରକାଶ କରିଛନ୍ତି।

# ଅସ୍ପୃଶ୍ୟତା ବିରୋଧରେ ସତ୍ୟାଗ୍ରହ


ଭୀମ୍ ଆର୍ମିର କର୍ମୀ ସତ୍ୟାଗ୍ରହସ୍ଥଳକୁ ଆସୁଛନ୍ତି ।

ବରଗଡ଼ ଅଫିସ୍,୨୨।୧୨: ବରଗଡ଼ ଗାନ୍ଧୀଛକରେ ମଙ୍ଗଳବାର ଅସ୍ପୃଶ୍ୟତା ପ୍ରତିବାଦରେ ଭୀମ୍ ଆର୍ମି, ଭାରତ ଏକତା ମିଶନ, ଓଡ଼ିଶା ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ସ୍ୱାଧୀନତାର ୭୩ବର୍ଷ ବିତିଯାଇ ଥିବା ସତ୍ତ୍ୱେ ଜାତିପ୍ରଥାକୁ ନେଇ ଗାଁ ଗହଳିରେ ଛୁଆଁ ଅଛୁଆଁ ଭେଦଭାବ ରଖି ଖିଅର କରା ନ ଯିବା, କେଶ କଟା ନ ଯିବାକୁ କେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ମଧ୍ୟ ଏ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଭିମ ଆର୍ମିର ଲଙ୍କେଶ ରାବଣ, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀଙ୍କ ସମେତ ବହୁ ମହିଳା ପୁରୁଷ ସାମିଲ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା ସହିତ ସତ୍ୟାଗ୍ରହସ୍ଥଳକୁ ଯାଇଥିଲେ।

# ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

ବରଗଡ଼ ଅଫିସ୍,୨୨।୧୨: ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ମୃତ ଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ମଙ୍ଗଳବାର ବରଗଡ଼ ଗାନ୍ଧୀ ଛକରେ ଜିଲା କଂଗ୍ରେସ ପକ୍ଷରୁ ଏକ କାର୍ଯ୍ୟକ୍ରମ ହୋଇଥିଲା। ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ, ଦୟାସାଗର ମେଣ୍ଡଲିଙ୍କ ସମେତ ବହୁ ନେତା ଏବଂ ଚାଷୀ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଗୋଲାମୁଣ୍ଡା ଚାମ୍ପିୟନ

ଜୁନାଗଡ, ୨୨।୧୨ (ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦେଦର ହସ୍ପିଟାଲ ଖେଳପଡିଆଠାରେ ରବିବାରଠୁ ଚାଲିଥିବା ପଞ୍ଚାୟତସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଗୋଲାମୁଣ୍ଡା ଓ ତଳମଲା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଗୋଲାମୁଣ୍ଡା ଦଳ ପେନାଲଟିକ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ନିର୍ମଳ ଦଣ୍ଡସେନା ଖେଳରେ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ଦେଦର ସରପଞ୍ଚ ସାବିତ୍ରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଆଇନଜୀବୀ ପ୍ରଦ୍ୟୁମ୍ନ ରାଉତ, ସମିତିସଭ୍ୟ ବିଶମ୍ବର ନାଗ, ପୂର୍ବତନ ସରପଞ୍ଚ ତ୍ରିନାଥ ମାଝି, ରାଜିନ୍ଦ୍ର ମେହେର, ନରସିଂହ ଶବର, ଲିଙ୍ଗରାଜ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ।

# ଓକିଲ ସଂଘର ଜନ ସଚେତନତା ଅଭିଯାନ



ତହସିଲ ଅଫିସ କୋର୍ଟରୁମ୍ ସମ୍ମୁଖରେ ଓକିଲ ସଂଘ ସଦସ୍ୟମାନେ ସଚେତନ କରୁଛନ୍ତି ।

- ଚଢ଼ାଦରରେ ଷ୍ଟାମ୍ପ ପେପର ବିକ୍ରି
- ବିଭିନ୍ନ ସ୍ଥାନରେ ଲଗାଇଲେ ବ୍ୟାନର

ବଲାଙ୍ଗୀର ଅଫିସ,୨୨।୧୨: ବଲାଙ୍ଗୀର ଜିଲାରେ କେତେକ ଷ୍ଟାମ୍ପଭେଣ୍ଡର ଜନସାଧାରଣଙ୍କୁ ଚଢ଼ାଦରରେ ଷ୍ଟାମ୍ପ ପେପର ବିକ୍ରି କରୁଛନ୍ତି। କୌଣସି ଷ୍ଟାମ୍ପ ଭେଣ୍ଡର ନିର୍ଦ୍ଧାରିତ ଦରଠାରୁ ଅଧିକ ଦରରେ ବିକ୍ରୟ କରିପାରିବେ ନାହିଁ। ହେଲେ ବଲାଙ୍ଗୀର ରେଜେଷ୍ଟ୍ରି ଅଫିସ ଓ ତହସିଲ ଅଫିସ ପରିସରରେ ଅଧିକ ଦରରେ ଷ୍ଟାମ୍ପ ପେପର ବିକ୍ରୟ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ଏ ଦିଗରେ ଜିଲା ଓକିଲ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ଷ୍ଟାମ୍ପଭେଣ୍ଡରମାନଙ୍କ ଏଭଳି ଦୁର୍ନୀତିକୁ ରୋକିବା ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏଥିରେ ରୋକ ନ ଲାଗିବାରୁ ଜିଲା ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଦୁର୍ନୀତି ହଟାଅ ଏବଂ ଜନସଚେତନତା ଅଭିଯାନ ଆରମ୍ଭ କରାଯାଇଛି ବୋଲି ସଂଘ ସମ୍ପାଦକ ବାସୁଦେବ ରଥ କହିଛନ୍ତି। ସଂଘ ପକ୍ଷରୁ ତହସିଲ ଅଫିସ, ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖ ଏବଂ ଅନ୍ୟାନ୍ୟ ସ୍ଥାନରେ ଏ ସମ୍ପର୍କିତ ବ୍ୟାନର ଲଗାଯାଇଛି। ଯେକେହି ଷ୍ଟାମ୍ପ ଦୁର୍ନୀତିରେ ସାମିଲ ଥିଲେ ଓକିଲ ସଂଘ କାର୍ଯ୍ୟକର୍ତ୍ତାଙ୍କ ଦୃଷ୍ଟିକୁ ଆଣିବାକୁ ଏଥିରେ କୁହାଯାଇଛି । ଏହି ବ୍ୟାନରରେ ସଂଘ କାର୍ଯ୍ୟକର୍ତ୍ତାଙ୍କ ଫୋନ୍ ନମ୍ବର ଦିଆଯାଇଛି। ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ଜିଲା ଓକିଲ ସଂଘ ଏଭଳି ଅଭିଯାନ ଆରମ୍ଭ କରିଛି ବୋଲି ସମ୍ପାଦକ ରଥ ସୂଚନା ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଓକିଲ ସଂଘର ବାଳକୃଷ୍ଣ ଷଡଙ୍ଗୀ, ଗୋପାଳ ଚନ୍ଦ୍ର ହୋତା, ମଳୟ କୁମାର ଗଡତ୍ୟା, ବିଜୟ କୁମାର ରଥ, ହରିଶଙ୍କର ପଣ୍ଡା, ରୁଦ୍ର ଥନାପତି, ଅରୂପ କୁମାର ମିଶ୍ର, ପ୍ରଶାନ୍ତ ସେନାପତି ପ୍ରମୁଖ ସାମିଲ ହୋଇଥିଲେ ।


**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri Bari, Bhubaneswar-751030

EOI.1697 Dated : 22.12.2020

Sealed tender are invited from reputed manpower service providers to provide service of different types of manpower with effect from 01/01/2021. The detailed information for outsourcing the services of post has been given in the EOI which may be downloaded from www.utkalikaodisha.in. The last date and time of submission of the EOI is 30/12/2020 at 2 PM.

Sd/- Managing Director

**OFFICE OF THE DISTRICT PROJECT COORDINATOR**
SAMAGRA SHIKSHYA, SUBARNAPUR
E-mail: dpcsonepurssa.opepa@nic.in, Ph. No. 06654-220514
No. 1925 Date: 22.12.2020

"TENDER CALL NOTICE FOR SOIL INVESTIGATION"

Sealed tenders are invited in prescribed format for "Soil Investigation for construction of Six Nos. upgraded KGBV Hostel building in Subarnpur district (at existing KGBV hostel campus)" from the registered firms having PAN, GST and IT Clearance Certificate. The tender paper will be submitted to District Project Coordinator, SS, Subarnapur latest by 04.01.2021 upto 5 P.M. Details terms and conditions can be downloaded from the official website www.subarnapur.nic.in and www.opepa.nic.in.

By order of Collector and Chairperson, SS, Subarnapur
Sd./- District Project Coordinator
SS, Subarnapur

**GOVERNMENT OF ODISHA**
**OFFICE OF THE PURI MUNICIPALITY, PURI**
Email-purim.hud@nic.in
NATIONAL COMPETITIVE BIDDING THROUGH e-Procurement
Identification No.P.M.04/2020-21
Notice No.8606 Dated 21.12.20

1. Type of work: Civil work. 2. Total No. of works: 07 Nos. of Individual Works. 3. Estimate cost: Rs.410666/- & 4888439/-. 4. Period of completion: 30 days to 60 days. 5. Date & time of availability of bid document in the portal: From 03 P.M. of 23.12.2020 to 05 P.M. of 06.01.2021. 6. Last date/time for receipt of bid in the portal: Upto 05 P.M. of 06.01.2021. 7. Date of opening of bid: 11 A.M. of dtd. 07.01.2021. 8. Name & address of the officer inviting bid: Executive Officer, Puri Municipality, Puri. Further detail can be seen from the e-procurement portal www.tendersorissa.gov.in

Sd./- Executive Officer, Puri Municipality, Puri

**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector cum Chairman, R.M.C., Nabarangpur invites tender from the approved suppliers for supply of Grading Equipments for the KMS 2020-21 vide Tender Call Notice No.399 dated 22.12.2020 along with specification and terms & conditions may be seen and downloaded from the District Web Portal http://www.nabarangpur.nic.in.

The date for availability of tender from 23.12.2020 at 10.00 A.M. to 07.01.2021 upto 5.30 P.M. and the last date for receipt of bid documents through Regd. Post/Speed Post on or before 16.01.2021 upto 5.30 P.M. and also the same will be opened on 18.01.2021 at 11.00 A.M. in the Office of the Regulated Market Committee, Nabarangpur in presence of quotationers or their authorised representatives.

Sd./-Secretary, RMC, Nabarangpur

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 20327/ଭୁ.ଉ.କ., ଭୁବନେଶ୍ୱର ତା27.11.20ରିଖ
EB V-255/78

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବରଗଡ଼ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ.EB-745କୁ ଶ୍ରୀ ହୃଦାନନ୍ଦ ଘଡାଇ, ପିତା- ଗଣେଶ୍ୱର ଚୌଧୁରୀ, ଗ୍ରାମ/ପୋ.ଅ.- ମାଣତିରା, ଥାନା-ସୁକିନ୍ଦା, ଜିଲ୍ଲା- ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ହୃଦାନନ୍ଦ ଘଡାଇ ତା୦୩।୦୩।୨୦୧୮ରିଖରେ ମୃତ୍ୟୁବରଣ କରିଛନ୍ତି। ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ପରେ ଉକ୍ତ ଘରର ମାଲିକାନା ଉତ୍ତରାଧିକାରୀ ସୂତ୍ରରେ (୧) ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ (ସ୍ତ୍ରୀ), (୨) ଶ୍ରୀ ଅଶୋକ କୁମାର ଘଡାଇ (ପୁତ୍ର), (୩) ଶ୍ରୀ ଆଲୋକ କୁମାର ଘଡାଇ (ପୁତ୍ର) ଓ ମୀନାରାଣୀ ଘଡାଇ @ ଦାସ (ବିବାହିତା କନ୍ୟା)ଙ୍କ ନାମରେ ତା-୨୮।୦୮।୨୦୧୯ରିଖରେ ପରିବର୍ତ୍ତନ କରାଯାଇଥିଲା। ଇତି ମଧ୍ୟରେ ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସ ସେମାନଙ୍କର ଉକ୍ତ ଗୃହରେ ଥିବା ନିଜ ନିଜର ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ତା୨୮।୦୧।୨୦୨୦ରିଖରେ ଏକ ନାଦାବି ପତ୍ର (Registered Deed of Relinquishment) ସମ୍ପାଦିତ କରିଅଛନ୍ତି। ବର୍ତ୍ତମାନ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇ ଉକ୍ତ ନାଦାବି ପତ୍ର ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ତାଙ୍କ ନାମରେ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଘରର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହ ନଂ. EB-745ରେ ଥିବା ସ୍ୱତ୍ୱ/ମାଲିକାନା ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସଙ୍କଠାରୁ ଉଚ୍ଛେଦ କରାଯାଇ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**OFFICE OF THE NOTIFIED AREA COUNCIL, BUGUDA, GANJAM**
Mail ID- bugudanac@rediffmail.com Ph.06818-251135
Letter No.1628/ Date:22.12.20

QUOTATION CALL NOTICE

Sealed quotations are invited from Govt. authorized firms/dealers for selling of Waste Materials of MRF centre of Buguda NAC. The rate should be quoted against the item excluding taxes. The quotationers are essentially required to enclose their GST Registration Certificate, PAN card, Firm Registration Certificate etc. The quotationer shall be required to produce the original copy of the required document before the undersigned at the time of opening of tender.

The quotationer should submit EMD 1% of quoted rate in shape of B.D./D.D./T.D.A. pledged in favour of Executive Officer, Buguda NAC as mentioned detailed below. The quotation paper will be available at the office of the udnersigned from date 23.12.20, 10 A.M. to 07.01.21 in the office hour except holidays and the quotation received on or before dt.05.01.21 at 03.00 P.M. on Tender Box/Speed Post/Registered Post and the same will be opened on dt.06.01.21 at 03.00 P.M. in presence of respective quotationers or their authorized representatives.

The authority reserves the right to accept or reject any or all the quotations without assigning any reason thereof.

| Sl.No. | ITEM | Paper Cost |
|---|---|---|
| 01 | Selling of waste materials of MRF Center of Buguda NAC. | Rs.1000 |

Sd./- Executive Officer
N.A.C., Buguda, Ganjam

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Orissa
No.3952/OSACS Date:21.12.2020

ADVERTISEMENT

AGAINST THE RECRUITMENT OF ART PLUS CENTRE, ART CENTRE, FI-ART CENTRE AND LINK ART PLUS CENTRE STAFFS

Reference to detail of advertisements mentioned below:-

| Sl. No. | Main Advertisement No. | Published on | Corrigundum No. | Published on |
|---|---|---|---|---|
| 1. | IX-OSAS-ART-08/2019-20-34/OSACS dated 02.01.2020 | 03.01.2020 | IX-OSAS-ART-08/2019-20-953/OSACS dated 07.03.2020 | 08.03.2020 |
| 2. | IX-OSACS-ART-08/2019-20-(P):671/OSACS dated 24.02.2020 | 27.02.2020 | IX-OSACS-ART-08/2019-20-(P):963/OSACS dated 07.03.2020 | 08.03.2020 |
| 3. | IX-OSACS-ART-07/2020-21-2614/OSACS dated 08.10.2020 | 12.10.2020 | Nil | Nil |

Now it is mentioned that though the advertisement made for different posts, out of that the posting of posts like; Lab. Technician, Pharmacist and Staff Nurse which were kept in abeyance is hereby cancelled. Rest of the posts will be filled-up by adhering the Recruitment Guidelines provided by National AIDS Control Organization, Ministry of Health & Family Welfare, Govt. of India.

It is to inform that all applicants those who are already applied during due course of time period mentioned against in the above advertisements are hereby informed need not to apply again.

Sd./- Project Director

2nd Floor, Oil Odisha Building, Nayapalli, Bhubaneswar,
Ph: (0674) 2395415/2393235 Fax: 2394560, National HIV/AIDS Help Line: 1097 (Toll Free),
E-mail: sacorissa@sify.com; orissasacs@gmail.com; sacs_orissa@nacoindia.org

